ବିହାର ରାଜ୍ୟ ଏବଂ ଅନ୍ୟମାନେ

ବନାମ

ରାମଦେଓ ଯାଦବ ଏବଂ ଅନ୍ୟମାନେ

ଫେବୃଆରୀ 26, 1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ନିଯୁକ୍ତି -ନିୟମିତକରଣ -ଅଣପ୍ରଶିକ୍ଷିତ ଶିକ୍ଷକ ନିଯୁକ୍ତି ପାଇଥିଲେ -ପରବର୍ତ୍ତୀ ସମୟରେ ସରକାର ବିଦ୍ୟାଳୟକୁ ନିଜ ଅଧୀନକୁ ନେଇଥିଲେ - ଏହି ଦୁଇ ଅଣପ୍ରଶିକ୍ଷିତ ଶିକ୍ଷକ ସେମାନଙ୍କ ନିଯୁକ୍ତିର ପରବର୍ତ୍ତୀ ସମୟରେ ତାଲିମ ଶେଷ କରି ସରକାରୀ କର୍ମଚାରୀ ଭାବେ ବିବେଚିତ ହେବାର ଅଧିକାର ରଖିଥିବା କାରଣରୁ ସେମାନଙ୍କ ସେବାକୁ ନିୟମିତ କରିବା ପାଇଁ ଏକ ନିର୍ଦ୍ଦେଶ ଦେବା ପାଇଁ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ -ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନକୁ ଅନୁମତି ଦେଇଛନ୍ତି -ଅପିଲ ଉପରେ ନିର୍ଣ୍ଣୟ ହେଲା, ସରକାରୀ ଭାବରେ ଗ୍ରହଣ କରିବା ପୂର୍ବରୁ ରହିଥିବା କୌଣସି ଅଣତାଲିମପ୍ରାପ୍ତ ଶିକ୍ଷକଙ୍କୁ ଗ୍ରହଣ କରିବା ଯୋଗ୍ୟ ନୁହେଁ - ତେଣୁ ନିୟମିତ ହେବା ଏବଂ ସରକାରୀ କର୍ମଚାରୀ ବୋଲି ବିବେଚିତ ହେବାର ଅଧିକାର ନାହିଁ- ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅଗ୍ରାହ୍ୟ ହେଲା - ବିହାର ଅଣ-ସରକାରୀ ପ୍ରାଥମିକ ବିଦ୍ୟାଳୟ (ନିୟନ୍ତ୍ରଣ ନେବା) ଅଧିନିୟମ, 1976 - ଧାରା -1,3,4,8 ।*

*ଭାରତର ସମ୍ବିଧାନ, 1950 ।*

*ଅନୁଚ୍ଛେଦ 226 - ରିଟ୍ ଅଧିକାରିତା - ଆଇନକୁ ଅବମାନନା କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇ କୌଣସି ପରମ ଆଦେଶ ଜାରି କରାଯିବ ନାହିଁ ।*

*J & K ଲୋକ ସେବା ଆୟୁକ୍ତ ବନାମ ଡକ୍ଟର ନରିନ୍ଦର ମୋହନ ଏବଂ ଅନ୍ୟମାନେ,* **[1994] 2 SCC 630 = (1994) 3 Scale 597 ଉପରେ ନିର୍ଭର କରିଥିଲେ ।**

*ଜନସ୍ୱାର୍ଥ*

*ଆଇନର ବ୍ୟାଖ୍ୟା ସହିତ ଜଡିତ ଜନସ୍ୱାର୍ଥ - ପୂର୍ବ ଆଦେଶ ବିରୁଦ୍ଧରେ କୌଣସି ଅପିଲ ଦାଖଲ ହୋଇନଥିଲେ ମଧ୍ୟ ନ୍ୟାୟାଳୟ ଏହି ପ୍ରଶ୍ନକୁ ଯିବାକୁ ହକଦାର ।*

*ମହାରାଷ୍ଟ୍ର ରାଜ୍ୟ ବନାମ ଦିଗମ୍ବର,* **[1995] 2 SCC 683 ଏବଂ** *ବଙ୍ଗଳା ରାଜ୍ୟ ବନାମ ଦେବଦାସ କୁମାର,* **[1991] Supp. 1 SCC 138, ଉପରେ ନିର୍ଭରଶୀଳତା ରଖାଯାଇଥଲା ।**

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 4283/1996 ।

ସି.ଡବ୍ଲ୍ୟୁ.ଜେ.ସି. ସଂଖ୍ୟା 1063/1985ରେ ପାଟନା ଉଚ୍ଚ ନ୍ୟାୟାଳୟର 27.7.95 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ବି.ବି. ସିଂହ ।

ଉତ୍ତରଦାତାମାନଙ୍କ ପାଇଁ ରୁଦ୍ରେଶ୍ୱର ସିଂହ ଏବଂ ଆର୍.ପି. ୱାଧୱାନୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ଓକିଲଙ୍କୁ ଶୁଣିଛୁ ।

ସ୍ୱୀକାରଯୋଗ୍ୟ ତଥ୍ୟ ହେଉଛି ଯେ ବିହାର ଅଣ-ସରକାରୀ ପ୍ରାଥମିକ ବିଦ୍ୟାଳୟ (ନିୟନ୍ତ୍ରଣ ଗ୍ରହଣ) ଅଧିନିୟମ, 1976 (ସଂକ୍ଷେପରେ 'ଅଧିନିୟମ') ର ଧାରା 3 (4) ଅନୁଯାୟୀ ଗଠିତ କମିଟି ଦ୍ୱାରା କରାଯାଇଥିବା ସୁପାରିସର ପରିଣାମ ସ୍ୱରୂପ, 1981 ମସିହା ଜାନୁଆରୀ 13 ତାରିଖରେ, ରେଘୁନନ୍ଦନ ବାବୁଲାଲ କନ୍ୟା ମାଧମିକ ବିଦ୍ୟାଳୟ, ସୁଖସନକୁ ରାଜ୍ୟ ସରକାର ନିଜ ଅଧୀନକୁ ନେଇଥିଲେ । ସେହି ତାରିଖ ସୁଦ୍ଧା ସେଠାରେ ସାତ ଜଣ ବ୍ୟକ୍ତି ଥିଲେ, ଯେଉଁମାନେ ଶିକ୍ଷକ ଏବଂ ଅନ୍ୟାନ୍ୟ କର୍ମଚାରୀ ଥିଲେ, ଯେଉଁମାନଙ୍କୁ ଅନୁଦାନ ସହାୟତା ଦିଆଯାଇଥିଲା । ଦୁଇ ପ୍ରାର୍ଥୀ, ଯଥା, ଉତ୍ତରଦାତା ରାମଦେଓ ଯାଦବ ଏବଂ ରାଜ ନାରାୟଣ ଯାଦବ 1.1.1971 ପରେ ନିଯୁକ୍ତ ଅଣପ୍ରଶିକ୍ଷିତ ଶିକ୍ଷକ ଥିଲେ । ସେମାନେ ପରବର୍ତ୍ତୀ ସମୟରେ ତାଲିମ ସମାପ୍ତ କରିଥିବାରୁ 1.1.1971 ଠାରୁ ସରକାରୀ କର୍ମଚାରୀ ଭାବରେ ବିବେଚିତ ହେବାର ହକଦାର, ଏହି ଆଧାରରେ ସେମାନଙ୍କର ସେବାକୁ ନିୟମିତ କରିବା ପାଇଁ ନିର୍ଦ୍ଦେଶନାମା ପାଇଁ ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ । 1993 ମସିହା ଜୁଲାଇ 27 ତାରିଖରେ ସି.ଡବ୍ଲ୍ୟୁ.ଜେ.ସି. ନଂ. 1963/95ରେ ଉଚ୍ଚ ନ୍ୟାୟାଳୟ ନିଜର ପୂର୍ବ ରାୟର ଅନୁସରଣରେ ଆଜ୍ଞାଦେଶ ଆବେଦନକୁ ଅନୁମତି ଦେଇଥିଲେ, ଯେଉଁଥିରେ କୁହାଯାଇଥିଲା ଯେ ସେମାନଙ୍କୁ 1.1.1971 ଅନୁଯାୟୀ ନିଯୁକ୍ତ କରାଯାଇଛି ବୋଲି ବିବେଚନା କରାଯିବା ଆବଶ୍ୟକ ଏବଂ ସେମାନଙ୍କୁ ସରକାରୀ ଅଧୀନରେ ଗ୍ରହଣ କରିବା ତାରିଖ, ଅର୍ଥାତ୍ ଜାନୁଆରୀ 13, 1981 ସୁଦ୍ଧା, ସେମାନେ ସେହି ତାଲିମ ସମାପ୍ତ କରିସାରିଥିବା କାରଣରୁ ସେମାନଙ୍କୁ ସରକାରୀ କର୍ମଚାରୀ ଭାବରେ ନିୟମିତ କରାଯିବ । ସେହି ଆଦେଶ ଉପରେ ପ୍ରଶ୍ନ ଉଠାଇ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଦାୟର କରାଯାଇଛି ।

ଅପିଲକାରୀଙ୍କ ବିଜ୍ଞ ଓକିଲ ଶ୍ରୀ ବି.ବି. ସିଂହ ଯୁକ୍ତି ବାଢ଼ିଥିଲେ ଯେ ଯଦିଓ ଉଚ୍ଚ ନ୍ୟାୟାଳୟଙ୍କର ପୂର୍ବ ନିର୍ଦ୍ଦେଶ ବିରୁଦ୍ଧରେ ଏକ ଅପିଲ ଦାୟର କରାଯାଇ ନାହିଁ, ଯେହେତୁ ଏହାଙ୍କ ପୂର୍ବ ରାୟର ଅନୁସରଣରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ବ୍ୟାଖ୍ୟାରେ ବୃହତ୍ତର ଜନସ୍ୱାର୍ଥ ଜଡିତ, ଏହି ମାମଲାଟି ଏହି ନ୍ୟାୟାଳୟଙ୍କ ଦ୍ୱାରା ବିଚାର କରାଯିବା ଆବଶ୍ୟକ । ଏହି ଯୁକ୍ତିରେ ଆମେ ଦୃଢ଼ତା ଥିବା ପାଇଥାଉ । ସମାନ ପରିସ୍ଥିତିରେ, ଏହି ନ୍ୟାୟାଳୟ *ମହାରାଷ୍ଟ୍ର ରାଜ୍ୟ ବନାମ ଦିଗମ୍ବର,* [1995] 2 SCC 683 ଏବଂ *ବଙ୍ଗଳା ରାଜ୍ୟ ବନାମ ଦେବଦାସ*

*କୁମାର,* [1991] Supp. 1 SCC 138 ରେ କହିଥିଲେ ଯେ ଯଦିଓ ପୂର୍ବ ଆଦେଶ ବିରୁଦ୍ଧରେ ଏକ ଅପିଲ ଦାୟର କରାଯାଇ ନଥିଲା, ଯେତେବେଳେ ଆଇନର ବ୍ୟାଖ୍ୟା ସହିତ ଜନସ୍ୱାର୍ଥ ଜଡିତ, ନ୍ୟାୟାଳୟ ପ୍ରଶ୍ନଟି ବିଚାର କରିବାକୁ ହକଦାର ।

ଏହା ପରେ ଯୁକ୍ତି କରାଯାଏ ଯେ ଧାରା 3(2) ଏବଂ (3) ସେହି ବ୍ୟବସ୍ଥା ଦ୍ୱାରା ଅନ୍ତର୍ଭୁକ୍ତ କର୍ମଚାରୀ ଏବଂ ଧାରା 3(2) ଅନୁଯାୟୀ ନିଆଯାଇଥିବା ସହାୟତା ପ୍ରାପ୍ତ ବିଦ୍ୟାଳୟର କର୍ମଚାରୀଙ୍କ ମଧ୍ୟରେ ପାର୍ଥକ୍ୟ କରେ । ଧାରା 3(4) ର ସୁପାରିଶର କାର୍ଯ୍ୟକାରିତା ଦ୍ୱାରା ନିୟନ୍ତ୍ରଣାଧୀନ ନହେବା ପର୍ଯ୍ୟନ୍ତ, ସେମାନେ ଅଧିନିୟମର ଧାରା 4 ଅନୁଯାୟୀ ସରକାରୀ କର୍ମଚାରୀ ହୁଅନ୍ତି ନାହିଁ । ଧାରା 8 ଅନୁଯାୟୀ କ୍ଷମତା ପ୍ରୟୋଗ କରି ସରକାର ଏକ କମିଟି ଗଠନ କରିଥିଲେ ଏବଂ ବିଦ୍ୟାଳୟଗୁଡ଼ିକୁ ନିଜ ହାତକୁ ନେବାର ସମ୍ଭାବ୍ୟତାକୁ ଅନୁସନ୍ଧାନ କରିବା ଏବଂ ସୁପାରିଶ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେମାନଙ୍କ ଦ୍ୱାରା କରାଯାଇଥିବା ସୁପାରିଶ ଆଧାରରେ ସରକାର 1981 ମସିହା ଜାନୁଆରୀ 13 ତାରିଖରେ ନିର୍ଣ୍ଣୟ ନେଇଥିଲେ, ଯେଉଁ ତାରିଖ ସୁଦ୍ଧା ଉତ୍ତରଦାତାମାନଙ୍କୁ ସରକାରୀ ଅଧୀନରେ ଅଣାଯାଇଥିବା ଅନୁଷ୍ଠାନର କର୍ମଚାରୀ ଭାବେ ବିଧିବଦ୍ଧ ଭାବେ ନିଯୁକ୍ତ କରାଯାଇ ନଥିଲା । ତେଣୁ, ଆଇନ ଉଲ୍ଲଙ୍ଘନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇ ଉଚ୍ଚ ନ୍ୟାୟାଳୟ ଏକ ପରମ ଆଦେଶ ଜାରି କରିପାରିବେ ନାହିଁ ।

ଅନ୍ୟ ପକ୍ଷରେ, ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ଓକିଲ ଶ୍ରୀ ରୁଦ୍ରେଶ୍ୱର ସିଂହ ଯୁକ୍ତି ବାଢ଼ିଥିଲେ ଯେ ଯଦିଓ ସେମାନଙ୍କୁ ଅସ୍ଥାୟୀ ଭାବେ 1.1.1971 ପରେ ନିଯୁକ୍ତ କରାଯାଇଥିଲା, ତଥାପି ଉତ୍ତରଦାତାଙ୍କୁ ସରକାରୀ ଖର୍ଚ୍ଚରେ ତାଲିମ ଦିଆଯାଇଥିଲା ଏବଂ ସେମାନେ ତାଲିମ ସମ୍ପୂର୍ଣ୍ଣ କରିଥିଲେ, ଏହି କାରଣରୁ ସେମାନଙ୍କୁ ଗ୍ରହଣ କରାଯାଇଛି ଏବଂ 1.1.1971ରୁ ସରକାରୀ କର୍ମଚାରୀ ହୋଇଥିଲେ ବୋଲି ବିବେଚନା କରାଯିବା ଉଚିତ । ଅଧିନିୟମର ଧାରା 4 ନିୟମିତ ଭାବରେ ନିଯୁକ୍ତ କର୍ମଚାରୀ କିମ୍ବା ଅନିୟମିତ ଭାବରେ ନିଯୁକ୍ତ କର୍ମଚାରୀଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ କରେ ନାହିଁ ତେଣୁ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ସଠିକ୍ ଅଟେ ।

ସମ୍ପୃକ୍ତ ବିବାଦ ଉପରେ ଉପଯୁକ୍ତ ବିଚାର କରିବା ପରେ, ଆମେ ଦେଖୁଛୁ ଯେ ଶ୍ରୀ ବି.ବି. ସିଂହଙ୍କ ଯୁକ୍ତିରେ ଦୃଢତା ରହିଛି । ଏହା ଦେଖାଯାଇଛି ଯେ ଧାରା 1(3) ସହିତ ଧାରା 3(2) ଏବଂ (3) ର କାର୍ଯ୍ୟକାରିତା ଦ୍ୱାରା, ଜିଲ୍ଲା ବୋର୍ଡ, ଜିଲ୍ଲା ପରିଷଦ, ମ୍ୟୁନିସିପାଲ ବୋର୍ଡ, ପାଟନା ମ୍ୟୁନିସିପାଲ କର୍ପୋରେସନ ଦ୍ୱାରା ପରିଚାଳିତ ପୂର୍ବ ବିଦ୍ୟାଳୟର କର୍ମଚାରୀମାନେ 1.1.1971ରେ ସରକାରୀ କର୍ମଚାରୀ ହୋଇଗଲେ । ସେହିଭଳି, ରାଜ୍ୟ ସରକାରଙ୍କ ଦ୍ୱାରା ଅଧିକୃତ ସରକାରୀ କିମ୍ବା ବେସରକାରୀ ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡ଼ିକ ମଧ୍ୟ ଉକ୍ତ ତାରିଖଠାରୁ ସରକାରୀ କର୍ମଚାରୀ ହୋଇଥିଲେ ।

ଧାରା 3(4) ସହିତ ଧାରା 3 (2) ଅନୁଯାୟୀ, ଘରୋଇ ପରିଚାଳନା କମିଟି ଦ୍ୱାରା ସମସ୍ତ ସହାୟତା ପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟକୁ ନିଜ ନିୟନ୍ତ୍ରଣକୁ ନେବା ଏବଂ ସ୍ୱେଚ୍ଛାରେ ସରକାରଙ୍କ ନିୟନ୍ତ୍ରଣକୁ ହସ୍ତାନ୍ତର କରିବାର କାର୍ଯ୍ୟ କେବଳ ଧାରା 3 ର ଉପଧାରା (4) ଅନୁଯାୟୀ ଗଠିତ କମିଟି ଦ୍ୱାରା କରାଯାଇଥିବା ସୁପାରିଶ ଉପରେ କାର୍ଯ୍ୟକାରୀ ହେବ । ଫଳସ୍ୱରୂପ, କେବଳ ସରକାରଙ୍କ ଦ୍ୱାରା ସୁପାରିଶ ଗ୍ରହଣ କରିବା ପରେ, ବିଦ୍ୟାଳୟର ଗ୍ରହଣ ସମ୍ପୂର୍ଣ୍ଣ ହୁଏ

ଏବଂ ଏହା କାର୍ଯ୍ୟକ୍ଷମ ହୁଏ । ଶବ୍ଦରୁ ଏହା ସ୍ପଷ୍ଟ ହେବ ଯେ ସରକାର ନିଷ୍ପତ୍ତି ନନେବା ପର୍ଯ୍ୟନ୍ତ ବିଦ୍ୟାଳୟକୁ ନିଜ ହାତକୁ ନେବା ସରକାରଙ୍କ ଦାୟିତ୍ୱ ନୁହେଁ, ଏବଂ ସରକାର ସମସ୍ତ ସୁପାରିଶକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି । ଯେପରି ଦେଖାଯାଇଛି, ଧାରା 8 ଅନୁଯାୟୀ କ୍ଷମତା ପ୍ରୟୋଗ କରି ସରକାର ଅସୁବିଧାଗୁଡ଼ିକୁ ଦୂର କରିବା ପାଇଁ ମେ 2, 1980 ରେ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ଏହାର ଅନୁଚ୍ଛେଦ 2 ରେ, ସକ୍ଷମ ବ୍ୟକ୍ତି ଏବଂ ଅନୁଚ୍ଛେଦ 7 ଖଣ୍ଡ (d) ରେ ଏହା କୁହାଯାଇଛି ଯେ "ଯଦି 1.1.1971 ପରେ ଉକ୍ତ ବିଦ୍ୟାଳୟରେ କୌଣସି ଅଣତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତ ହୋଇଛନ୍ତି, ତେବେ ଏହିପରି ଶିକ୍ଷକଙ୍କ ସେବା ଗ୍ରହଣ କରାଯିବ ନାହିଁ । ଉକ୍ତ ତାରିଖ ପୂର୍ବରୁ ଏପରି ଶିକ୍ଷକଙ୍କ ସେବାକୁ ସମାପ୍ତ କରିବା ପରିଚାଳନା କମିଟିର ସମ୍ପାଦକଙ୍କ ଦାୟିତ୍ୱ ହେବ ।" ଫଳସ୍ୱରୂପ, ଏହି ଅଧିନିୟମର କାର୍ଯ୍ୟକାରିତା, ଯଥା ଧାରା 3(4) ସହିତ 3(2), କମିଟି ଦ୍ୱାରା ଦାଖଲ ହୋଇଥିବା ରିପୋର୍ଟ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତି ପାଇବା ପରେ ହିଁ କାର୍ଯ୍ୟକ୍ଷମ ହେବ । ଉପରୋକ୍ତ ଆଦେଶ ଅନୁଯାୟୀ, ସରକାରୀ ଅଧୀନକୁ ଆସିବା ପୂର୍ବରୁ ରହିଥିବା କୌଣସି ଅଣତାଲିମପ୍ରାପ୍ତ ଶିକ୍ଷକଙ୍କୁ ସରକାର ନିୟନ୍ତ୍ରଣାଧୀନ ଭାବେ ଗ୍ରହଣ କରାଯିବାକୁ ଯୋଗ୍ୟ ନୁହଁନ୍ତି । ଧାରା 4 କେବଳ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଯୋଗ୍ୟ ଏବଂ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ କ୍ଷେତ୍ରରେ କାର୍ଯ୍ୟ କରିବ । ଫଳସ୍ୱରୂପ ଉଚ୍ଚ ନ୍ୟାୟାଳୟଙ୍କ ମତ ସ୍ପଷ୍ଟ ଭାବେ ବେଆଇନ ।

*J&K ପବ୍ଲିକ୍ ସର୍ଭିସ୍ ଆୟୋଗ ବନାମ ଡ. ନରିନ୍ଦର ମୋହନ ଏବଂ ଅନ୍ୟମାନେ*, [1994] 2 SCC 630 = (1994) 3 Scale 597 ମାମଲାରେ ଏହି ନ୍ୟାୟାଳୟଙ୍କର ନିଷ୍ପତ୍ତି ଦ୍ୱାରା ଏହା ସମାନ ଭାବରେ ସ୍ଥିରୀକୃତ ଆଇନ ଯେ ଆଇନକୁ ଅବମାନନା କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇ କୌଣସି ପରମ ଆଦେଶ ଜାରି କରାଯିବ ନାହିଁ ।

ଉପରୋକ୍ତ ବ୍ୟାଖ୍ୟାକୁ ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟଙ୍କ ମତ ସ୍ପଷ୍ଟ ଭାବରେ ବେଆଇନ ଏବଂ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅଗ୍ରାହ୍ୟ କରିଦିଆଯାଇଛି । ଫଳସ୍ୱରୂପ ଆଜ୍ଞାଦେଶ ଆବେଦନ ଖାରଜ ହୋଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଅପିଲକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।